# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30 July – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ବନ୍ୟା ଯୋଗୁଁ ୩ଟି ଜିଲ୍ଲାର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା କହିଲେ ମୁଖ୍ୟମନ୍ତ୍ରୀ

— ଆକାଶମାର୍ଗରୁ ବନ୍ୟାଞ୍ଚଳ ସ୍ଥିତି କଲେ ଅନୁଧ୍ୟାନ; ଜିଲ୍ଲାପାଳମାନଙ୍କୁ ଶୀଘ୍ର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ

- ଇସ୍ରୋ ପକ୍ଷରୁ ଶ୍ରୀହରିକୋଟାରୁ **ନିଶାର** ସାଟେଲାଇଟ୍‌ର ସଫଳ ଉତ୍‌କ୍ଷେପଣ

- ପିଏମ୍-କିଷାନ ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ଶନିବାର ଦିଆଯିବ ସହାୟତା ରାଶି

ଏବଂ

- ରାଜ୍ୟରେ ଆସନ୍ତା ପହିଲାରୁ ଆରମ୍ଭ ହେବ 'ଆସଯିବା ଅଙ୍ଗନୱାଡ଼ି' ଅଭିଯାନ

# ମୁଖ୍ୟମନ୍ତ୍ରୀ-ବନ୍ୟାଞ୍ଚଳ ପରିଦର୍ଶନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ଆଜି ଆକାଶମାର୍ଗରୁ ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ପରେ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୩ଟି ଜିଲ୍ଲାର ୮ଟି ବ୍ଲକ୍‌ର ୮୧ଟି ଗାଁର ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଅଞ୍ଚଳରେ ୫ ହଜାର ୮୬୯ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏହାସହ  ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଓ ଆବଶ୍ୟକସ୍ଥଳେ ୨୯ଟି ସ୍ଥାନରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି । ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବନ୍ୟା ପରବର୍ତ୍ତୀ ସମୟରେ ଡାଇରିଆ ଓ ଅନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇଁ ଜଳଉତ୍ସଗୁଡ଼ିକୁ ବିଶୁଦ୍ଧୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି । କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଶୀଘ୍ର ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ପାଇବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବନ୍ୟା ପ୍ରଭାବିତ ୩ଟି ଜିଲ୍ଲାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୯ଟି ଓଡ୍ରାଫ, ୪୦ଟି ଅଗ୍ନିଶମ ସେବା ଦଳକୁ ନିୟୋଜିତ କରାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଡି.କେ. ସିଂହ ରାଜ୍ୟରେ ବନ୍ୟା ସ୍ଥିତିର ଅନୁଧ୍ୟାନ କରିଥିଲେ।

## ଇସ୍ରୋ-ନିଶାର

ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋ ପକ୍ଷରୁ ଆଜି ନାସା-ଇସ୍ରୋ ସିନ୍ଥେଟିକ୍ ଆପାର୍‌ଚର୍ ରାଡାର୍ ନିଶାର୍ ସାଟେଲାଇଟ୍‌ର ସଫଳ ଉତ୍କ୍ଷେପଣ କରାଯାଇଛି। ଇସ୍ରୋ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ କୁହାଯାଇଛି, ଶ୍ରୀହରିକୋଟା ସତୀଶ ଧଓ୍ୱନ ମହାକାଶ କେନ୍ଦ୍ରରୁ ସନ୍ଧ୍ୟା ୫ଟା ୪୦ ମିନିଟ୍‌ରେ ଜି.ଏସ୍.ଏଲ୍.ଭି. ଏଫ୍-୧୬ ରକେଟ୍ ମାଧ୍ୟମରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯାଇଛି। ସାଟେଲାଇଟ୍ ପ୍ରତି ୧୨ ଦିନରେ ସମଗ୍ର ପୃଥିବୀକୁ ତର୍ଜମା କରିବ। ଏହାସହ  ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ସମ୍ପର୍କିତ ଫଟୋ ଚିତ୍ର ପ୍ରଦାନ କରିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ, ପରିବେଶଗତ ଅବକ୍ଷୟ, ଭୂମିକମ୍ପ ଭଳି ଗତିଶୀଳ ପ୍ରକ୍ରିୟା ଗୁଡ଼ିକୁ ଏହି ସାଟେଲାଇଟ୍ ନିରୀକ୍ଷଣ କରିବା ସହ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିବ।

## ପିଏମ୍ କିଷାନ

ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ୨ ତାରିଖ ଶନିବାର ଦିନ ୨୦ତମ କିସ୍ତି ସହାୟତା ରାଶି ପ୍ରଦାନ କରାଯିବ।  ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର-ଡିବିଟି ମାଧ୍ୟମରେ ୨୦୦୦ ଟଙ୍କା ଲେଖାଏଁ ଚାଷୀଙ୍କ ବ୍ୟାଙ୍କ ଖାତାରେ ଜମା ହେବ। ୯ କୋଟି ୭୦ ଲକ୍ଷ ଚାଷୀଙ୍କ ଆକାଉଣ୍ଟକୁ ୨୦

ହଜାର ୫୦୦ କୋଟି ଟଙ୍କା ହସ୍ତାନ୍ତର କରାଯିବ । ବାରଣାସୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏହାର ଶୁଭାରମ୍ଭ କରିବେ ।

## ପରୀକ୍ଷା ବାତିଲ

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ-ଓଏସ୍ଏସ୍ସି ଆର.ଆଇ, ଏ.ଆର.ଆଇ., ଅମିନ, ଆଇ.ସି.ଡି.ଏସ୍., ଏସ୍.ଏଫ୍.ଏସ୍. ପ୍ରିଲିମ୍ ପରୀକ୍ଷାକୁ ରଦ୍ଦ କରିଛି । ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ମେନ୍ ପରୀକ୍ଷା ମଧ୍ୟ ବାତିଲ କରାଯାଇଛି । ଏ ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି । ଆସନ୍ତା ୧୪ ଦିନ ଭିତରେ ସାନି ପରୀକ୍ଷା ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି । ପୁନଃ ପରୀକ୍ଷା ପାଇଁ ସାନି ଆବେଦନ କରିବାକୁ ପଡିବ ନାହିଁ । ସମସ୍ତ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଦେବାକୁ ସୁଯୋଗ ମିଳିବ । ପ୍ରିଲିମ୍ ପରୀକ୍ଷାରେ ତ୍ରୁଟି ଅଭିଯୋଗ ମିଳିବା ପରେ ସମସ୍ତଙ୍କୁ ଉତ୍ତୀର୍ଣ୍ଣ କରାଯାଇଥିଲା । ମାତ୍ର ଏହା ପ୍ରକାଶିତ ବିଜ୍ଞପ୍ତିର ଉଲ୍ଲଙ୍ଘନ ହୋଇଥିବା ଦର୍ଶାଇ  ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା ।

## ଓଟିଇଟି-ତଦନ୍ତ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଆଜି କ୍ରାଇମ୍ବ୍ରାଞ୍ଚ ପକ୍ଷରୁ ୬ ଜଣଙ୍କୁ ଗିରଫ କରାଯାଇଛି । ପୂର୍ବରୁ ଓଟିଇଟି ପରୀକ୍ଷା ବାତିଲ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ବୋର୍ଡ କାର୍ଯ୍ୟାଳୟର ଅତିରିକ୍ତ ସଚିବଙ୍କ ସମେତ ୬ ଅଧିକାରୀଙ୍କ ବଦଳି ହୋଇଥିଲା । ଗତ ୨୦ ତାରିଖରେ ଓଟିଇଟି ପରୀକ୍ଷା ହେବା ପାଇଁ ସ୍ଥିର ହୋଇଥିଲା । ମାତ୍ର ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ବୋର୍ଡ ପକ୍ଷରୁ ସ୍ଥଗିତ ରଖାଯାଇଥିଲା ।

## ଅଙ୍ଗନୱାଡ଼ି-ସ୍ୱତନ୍ତ୍ର ଆପ୍

ରାଜ୍ୟରେ ଆସନ୍ତା ପହିଲାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ 'ଆସ ଯିବା ଅଙ୍ଗନୱାଡି' ଅଭିଯାନ କାର୍ଯ୍ୟକାରୀ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସିଡିପିଓମାନଙ୍କ ପାଇଁ ଏକଦିବସୀୟ ଦକ୍ଷତା ବିକାଶ କର୍ମଶାଳାରେ ଯୋଗଦେଇ ଶ୍ରୀମତୀ ପରିଡା କହିଛନ୍ତି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସକ୍ଷମ କେନ୍ଦ୍ରରେ ପରିଣତ କରାଯିବ। ରାଜ୍ୟର ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ହେବ। ଏଥିସହ ୬ ମାସକୁ ଥରେ ପ୍ରତି ଅଙ୍ଗନୱାଡି କେନ୍ଦ୍ରକୁ ସିଡିପିଓମାନେ ପରିଦର୍ଶନ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - (**ପ୍ରଭାତୀ ପରିଡା**)**

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅଙ୍ଗନୱାଡ଼ିଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ଓ୍ୱସମ ଆପ୍‌ର ଶୁଭାରମ୍ଭ କରିଛନ୍ତି।

## ବଲଙ୍ଗା ପୀଡିତାଙ୍କ ବୟାନ ରେକର୍ଡ

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ବଲଙ୍ଗା ପୀଡିତାଙ୍କ ବୟାନ ପୁରୀ ପୁଲିସ୍ ରେକର୍ଡ କରିଛି। ମାମଲାର ତଦନ୍ତକାରୀ ଅଧିକାରୀଙ୍କ ସହ ବଲଙ୍ଗା ଥାନା ଅଧିକାରୀ ଏବଂ ଜଣେ ମହିଳା ଡିଏସ୍‌ପି ଦିଲ୍ଲୀ ଗସ୍ତ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିବା ପୁରୀ ଆରକ୍ଷୀ ଅଧିକ୍ଷକ ପିନାକ ମିଶ୍ର କହିଛନ୍ତି। ଦିଲ୍ଲୀର ସ୍ଥାନୀୟ କୋର୍ଟଙ୍କ ନିର୍ଦ୍ଦେଶରେ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବୟାନ

ରେକର୍ଡ କରାଯାଇଛି । ଆଗାମୀ ଦିନରେ ଘଟଣାସହ ଜଡିତ ସମସ୍ତ ବିଷୟକୁ ସାର୍ବଜନୀନ କରାଯିବ । ନାବାଳିକାଙ୍କର ଚିକିତ୍ସା ଜାରି ରହିଥିବାରୁ ପୁଲିସ୍ ଅତି ସତର୍କତାର ସହିତ ତଦନ୍ତ ପ୍ରକ୍ରିୟା ଜାରି ରଖିଛି ବୋଲି ବୋଲି ଆରକ୍ଷୀ ଅଧିକ୍ଷକ କହିଛନ୍ତି ।

## ବନକଲାଗି

ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥିରେ ଆଜି ଶ୍ରୀବିଗ୍ରହମାନଙ୍କର ଶ୍ରୀମନ୍ଦିରରେ ବନକଲାଗି ନୀତି ଅନୁଷ୍ଠିତ ହେଉଛି । ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ନୀତି ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସମାଧାନ ଶିବିର

**ନୟାଗଡ଼ରେ** ଓଡ଼ିଶା ରାଜ୍ୟ ମହିଳା ଆୟୋଗର ବିବାଦ ସମାଧାନ ଶିବିର ଆଜି ଅନୁଷ୍ଠିତ ହୋଇଛି । ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା ଆୟୋଜିତ ଶିବିରରେ ୩୨ଟି ମାମଲାର ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିଲା । ସେଥିମଧ୍ୟରୁ ୧୮ଟି ମାମଲାର ଶୁଣାଣି କରାଯାଇଥିବାବେଳେ ୨ଟି ମାମଲାର ଆପୋଷ ସମାଧାନ ହୋଇଥିଲା ।

## ସଚେତନତା ସଭା

**ଯାଜପୁର** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣର ଅଧିକାରୀମାନେ ଯୋଗଦେଇ କାର୍ଯ୍ୟସ୍ଥଳିରେ ମହିଳାଙ୍କ ସୁରକ୍ଷା  ତଫସିଲ୍‌ଭୁକ୍ତ ଜାତି ଓ ଜନଜାତି ନିର୍ଯାତନା ସମ୍ବନ୍ଧିତ ଆଇନ୍ ସମ୍ପର୍କରେ ଆଲୋଚନା କରିଥିଲେ ।

## ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ** ଜିଲ୍ଲା ଗଡ଼ଭିତର ଗ୍ରାମ କଲ୍ୟାଣ ମଣ୍ଡପରେ ଦେଶ ପାଇଁ ମଧ୍ୟସ୍ଥତା ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଲୋକଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ନିଜ ମାମଲାର ଫଇସଲା ପାଇଁ ବୁଝାଇଥିଲେ ।

## ଉନ୍ନୟନ କମିଟି ବୈଠକ

**ମାଲକାନଗିରି** ଜିଲ୍ଲାର ୧ ହଜାର ୧୬୬ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ ଶିକ୍ଷକ-ଶିକ୍ଷୟିତ୍ରୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଦ୍ୟାଳୟରେ ଆସ ସ୍କୁଲ ଯିବା ଅଭିଯାନ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟରେ ନିରାପଦ ପରିବେଶ ସୃଷ୍ଟି, ମା’ ପାଇଁ ଗଛଟିଏ-୨.୦, ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ସାଂସ୍କୃତିକ ଉତ୍ସବ

**ଢେଙ୍କାନାଳ** ଟାଉନ୍‌ହଲଠାରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଆନୁକୂଲ୍ୟରେ ୨ ଦିନିଆ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସ୍ଥାନୀୟ କଳାକାର ଗୋଷ୍ଠୀ ନିଜର ନୃତ୍ୟକଳା ପ୍ରଦର୍ଶନ କରିଛନ୍ତି।

## ବସ୍ତାନୀ ଯାଞ୍ଚ

**ମାଲକାନଗିରି** ଜିଲ୍ଲାର ବିଭିନ୍ନ ସ୍କୁଲରେ ଶିକ୍ଷାର୍ଥୀମାନଙ୍କ ବସ୍ତାନୀ ବୋଝ ଯାଞ୍ଚ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସ୍ଥାନୀୟ ସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ଓ ବସ୍ତାନୀର ଓଜନ ଯାଞ୍ଚ କରିଥିଲେ।

# ଆକାଂକ୍ଷା ଜିଲ୍ଲା ସୂଚକାଙ୍କ

ଆକାଂକ୍ଷା ଜିଲ୍ଲାର ନିର୍ଦ୍ଧାରିତ ୬ଟି ସୂଚକାଙ୍କ ମଧ୍ୟରୁ ରାୟଗଡ଼ା ଜିଲ୍ଲାର ପଦ୍ମପୁର ଓ ମୁନିଗୁଡ଼ା ବ୍ଲକ୍‌କୁ ସମ୍ମାନିତ କରାଯାଇଛି। ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୁଇଟି ବ୍ଲକ୍‌କୁ ଉତ୍କର୍ଷ କାର୍ଯ୍ୟ ପାଇଁ ସମ୍ମାନିତ କରିଛନ୍ତି। ନିର୍ଦ୍ଧାରିତ ସୂଚକାଙ୍କ ମଧ୍ୟରୁ ପଦ୍ମପୁର ବ୍ଲକ୍ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ, ମଧୁମେହ ସ୍କ୍ରିନିଂ, ଗର୍ଭବତୀ ମହିଳାଙ୍କ ପଂଜୀକରଣ ଆଦି ୫ଟି ସୂଚକାଙ୍କରେ ସମ୍ପୂର୍ଣ୍ଣତା କରିଥିବାବେଳେ ମୁନିଗୁଡ଼ା ବ୍ଲକ୍ ବିଦ୍ୟାଳୟରେ ବହି ବଣ୍ଟନ, ମୃତ୍ତିକା କାର୍ଡ ବଣ୍ଟନ ଆଦି ୩ଟି ସୂଚକାଙ୍କ ହାସଲ କରିଛି।

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ହୀରାକୁଦ ଜଳଭଣ୍ଡାରରେ ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୧ ଦଶମିକ ୭/୯ ଫୁଟ ରହିଥିଲା। ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୪୭ ହଜାର ୩୫୮ ଘନଫୁଟ ଜଳ ପ୍ରବେଶ କରୁଛି। ସେହି ସମୟ ମଧ୍ୟରେ ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୧୯ ହଜାର ୫୭୯ ଘନଫୁଟ ଜଳ ନିଷ୍କାସିତ ହେଉଛି।